## ଟିକା ଅଭାବରୁ ସହରରେ ଟିକାକରଣ ବନ୍ଦ

**କଟକ ଅଫିସ:** କଟକ ସହରରେ ୩ଦିନ ହେବ ଟିକାକରଣ ବନ୍ଦ ରହିଛି। ମଙ୍ଗଳବାର ବିଦେଶ ଯିବାକୁ ଥିବା ଲୋକଙ୍କୁ କେବଳ ଟିକା ପ୍ରଦାନ କରାଯାଉଥିବାବେଳେ ବୁଧବାର ଟିକାକରଣ ବନ୍ଦ ରହିଥିଲା। ଗୁରୁବାର ଜରୁରୀ କାମ ପାଇଁ ବିଦେଶ ଯିବାକୁ ଥିବା ଲୋକଙ୍କୁ ଟିକା ଦିଆଯିବ। ଏଥିସହ ୬୦ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପିକ୍ ଅପ୍ ଆଣ୍ଡ ଡ୍ରପ୍ କିମ୍ବା ଡ୍ରାଇଭ ଇନ୍ ବ୍ୟବସ୍ଥାରେ ଟିକା ଦିଆଯିବ। ଏହି ବ୍ୟବସ୍ଥାରେ ଟିକା ନେବାକୁ ଚାହୁଁଥିବା ବ୍ୟକ୍ତି ୯୭୭୭୦୬୭୨୯୭ ନମ୍ବରରେ ଆବେଦନ କରିପାରିବେ। ଏହା ବ୍ୟତିତ୍ ଅନ୍ୟ ଲୋକଙ୍କୁ ଟିକା ଦିଆଯିବ ନାହିଁ ବୋଲି ସିଏମ୍ସି ପକ୍ଷରୁ ବୁଧବାର ଟୁଇଟ୍‌ରେ ଜଣାଇ ଦିଆଯାଇଛି।

# ନଦୀପଠାରେ ପୋତା ହୋଇଛି ମୃତଦେହ

**ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୨୧।୭ (ଡି.ଏନ୍.ଏ.)**

ମଞ୍ଚେଶ୍ୱର ଥାନା ବରିମୁଣ୍ଡ ଗ୍ରାମପଞ୍ଚାୟତ କୁଆଖାଇ ନଦୀପଠାରେ ବୁଧବାର ଏକ ମୃତଦେହ ଠାବ ହୋଇଛି। ମୃତଦେହଟି ବାଲିରେ ପୋତି ହୋଇ ରହିଥିବାବେଳେ ହାତ ସହ ସେ ପିନ୍ଧିଥିବା ପ୍ୟାଣ୍ଟ ଓ ଚପଲ ବାହରକୁ ଦିଶୁଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ମୃତଦେହଟି ପଚିଯିବା ସହ ପ୍ରବଳ ଦୁର୍ଗନ୍ଧ ହେଉଛି। ପାରିପାର୍ଶ୍ୱିକ ସ୍ଥିତିରେ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଜଣାପଡୁଛି। ତେବେ ରାତି ଅଧିକ ହୋଇଯିବାରୁ ପୋଲିସ ମୃତଦେହକୁ ବାଲିରୁ ବାହାର କରିପାରିନି। ଉକ୍ତ ସ୍ଥାନକୁ ବ୍ୟାରିକେଡ୍ ସହ ଲାଇଟ୍ ଲଗାଇ ପୋଲିସ ଜଗି ରହିଛି। ଗୁରୁବାର ସକାଳେ ସାଇଣ୍ଟିଫିଟ୍ ଟିମ ପହଞ୍ଚିବ। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରାଯାଇ ତଦନ୍ତ କରାଯିବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି। ଅନ୍ୟପକ୍ଷରେ ମୃତଦେହଟି ଜଣେ ଯୁବକଙ୍କର ଓ ୨/୩ ଦିନ ତଳୁ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

କରୁଛି ପୋଲିସ। ସେପଟେ ଆଖପାଖ ଗାଁର କୌଣସି ବ୍ୟକ୍ତି ନିଖୋଜ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ବ୍ୟକ୍ତିଜଣକ ବାହାର ଅଞ୍ଚଳର ହୋଇଥିବାରୁ ପୋଲିସ ପାଇଁ ପରିଚୟ ଖୋଜିବା ସହ ଘଟଣାର ରହସ୍ୟ ଉନ୍ମୋଚନ କରିବା ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ନଦୀପଠାକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ନଦୀପଠାର ଏକ ସ୍ଥାନରେ ବାଲି ଉଚ୍ଚା ହୋଇ ରହିଥିବାବେଳେ ଏକ ପାପୁଲି, ପ୍ୟାଣ୍ଟ ଓ ଚପଲ ବାହାରକୁ ବାହାରିଥିବା ଦେଖିବାକୁ ପାଇଥିଲେ। ସେଥିରୁ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ।

### ଗଣ୍ଡଗୋଳରୁ ହତ୍ୟା ସନ୍ଦେହ, ବର୍ଷା ହେବାରୁ ଜଣାପଡିଲା

ଲକ୍‌ଡାଉନ ଠାରୁ ସହରରୁ ବହୁ ଯୁବକ ନିୟମିତ ବାଲିଯାତ୍ରା ହେଉଥିବା

### ଉପରକୁ ଦିଶୁଛି ପାପୁଲି, ପ୍ୟାଣ୍ଟ୍, ଚପଲ



କୁଆଖାଇ ନଦୀପଠାକୁ ବୁଲିବାକୁ ଆସୁଥିଲେ। ଘଟଣାସ୍ଥଳଟି ନିଛାଟିଆ ଥିବାରୁ ସେଠାରେ ନିୟମିତ ନିଶାଦ୍ରବ୍ୟ ସେବନ କରୁଥିଲେ। ତେବେ ସେଠାରେ କୌଣସି କାରଣରୁ ଝଗଡାରୁ ବ୍ୟକ୍ତିଜଣଙ୍କୁ ହତ୍ୟା କରାଯାଇ ବାଲିରେ ପୋତି ଦିଆଯାଇଥିବା ଅନୁମାନ କରାଯାଉଛି। ମଙ୍ଗଳବାର ଅପରାହ୍ନରୁ ୨ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ବୁଧବାର ମଧ୍ୟ ସାମାନ୍ୟ ଧରଣର ବର୍ଷା ହୋଇଥିଲା। ଫଳରେ ପୋତାଯାଇଥିବା ମୃତଦେହରୁ ବାଲି ଧୋଇଯିବା ପରେ ଘଟଣା ଜଣାପଡିଥିଲା।

## ସଂକ୍ଷେପରେ

### ୧୨ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୧।୭:** ବିଭିନ୍ନ ଲୋକଙ୍କଠାରୁ ୧୨ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ବାଦାମବାଡି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ତିର୍ତ୍ତୋଲ ଅଞ୍ଚଳର ସଞ୍ଜିତ କୁମାର ପରିଜା। ପୋଲିସ ସୂଚନା ମୁତାବକ, ସଞ୍ଜିତ ଶଙ୍କରପୁର ଦାସସାହି ଅଞ୍ଚଳରେ ପିପି ଏଣ୍ଟରପ୍ରାଇଜେସ ଓ ଏସ୍‌ପି ଏଣ୍ଟରପ୍ରାଇଜେସ ନାମରେ ଦୁଇଟି କମ୍ପାନୀ ଖୋଲିଥିଲେ। ତାହା ଶିଳ୍ପ ବିଭାଗ ସହ ସହବନ୍ଧିତ ହୋଇଥିବା ଦର୍ଶାଇ ବିଭିନ୍ନ ଅଞ୍ଚଳର ୫୦ଟି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟଙ୍କଠାରୁ ଜଣପିଛା ୨ହଜାର ଟଙ୍କା ଲେଖାଏ ପଞ୍ଜିକରଣ ଫି' ଆଦାୟ କରିଥିଲେ। ସେମାନଙ୍କୁ ବଡି ଓ ଖଲିପତ୍ର ତିଆରି ମେଶିନ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇ ପ୍ରାୟ ୧୦ଲକ୍ଷ ଟଙ୍କା ଠକେଇ ନେଇଥିଲେ। ସେହିପରି ସଳିତା ତିଆରି ମେଶିନ ଦେବା ପାଇଁ କହି ଖଲ୍ଲିକୋଟ ଅଞ୍ଚଳର ଦିଲୀପ ଅଧିକାରୀଙ୍କଠାରୁ ୪୦ ହଜାର ଟଙ୍କା ନେଇଥିଲେ। ହେଲେ ମେଶିନ ଦେଇ ନଥିଲେ। ଟଙ୍କା ମାଗିବାରୁ ସେ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ସେହିପରି କିରଣ ଗୋସ୍ୱାମୀ ନାମ୍ନୀ ମହିଳାଙ୍କଠାରୁ ସଞ୍ଜିତ୍ ୧ ଲକ୍ଷ ୬୦ ହଜାର ଟଙ୍କା ଠକି ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଏହିପରି ଭାବେ ସଞ୍ଜିତଙ୍କ ନାଁରେ ବାଦାମବାଡି ଥାନାରେ ୩ଟି ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

### ଦେବୀନଦୀରେ ୨ କୁମ୍ଭୀର, ଲୋକେ ଆତଙ୍କିତ



**କଣ୍ଟାପଡା, ୨୧।୭(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ନିକଟ ଦେବୀନଦୀରେ ବୁଧବାର ଦୁଇଟି କୁମ୍ଭୀର ଦେଖିବାକୁ ମିଳିଥିଲା। ସକାଳେ ୬ରୁ ୭ଫୁଟ ଲମ୍ବର ଏକ କୁମ୍ଭୀର ଓ ଅପରାହ୍ନରେ ୧୦ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର ଅନ୍ୟଏକ କୁମ୍ଭୀରକୁ ଲୋକେ ଦେଖିଥିଲେ। କୁମ୍ଭୀର ଦୁଇଟି ଦେବୀନଦୀର ମାଳିଘାଇଠାରୁ ନିର୍ମାଣାଧୀନ ପୋଲ ଭିତରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ତେବେ ଏହାକୁ ନେଇ ନଦୀକୂଳ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଭୟଭୀତ ହୋଇ ପଡିଛନ୍ତି।

### ଅବସରପ୍ରାପ୍ତ ଜଜ୍‌ଙ୍କ ବେକରୁ ସୁନାଚେନ ଲୁଟ୍ : ୫ଗିରଫ

**ଭୁବନେଶ୍ୱର,୨୧।୭(ବ୍ୟୁରୋ):** ଖାରବେଳ ନଗର ଥାନା ଅନ୍ତର୍ଗତ ମାଳିସାହି ନିକଟରେ ବୁଧବାର ଜଣେ ଅବସରପ୍ରାପ୍ତ ଜଜ୍‌ଙ୍କୁ ଆକ୍ରମଣ କରି ସୁନାଚେନ୍ ଲୁଟ୍ କରିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ଲୁଟ୍ ଚେନ୍ ଜବତ କରିଛି। ସୂଚନା ଅନୁଯାୟୀ, ଲୁଟ୍‌ର ଶିକାର ହୋଇଥିବା ଅବସରପ୍ରାପ୍ତ ଜଜ୍‌ଙ୍କ ଘର ବରଗଡ଼ ଥାନା ଅଞ୍ଚଳରେ। ଫ୍ରିଜ୍‌ର ଏକ ପାର୍ଟ୍ସ କିଣିବାକୁ ଅପରାହ୍ନ ପ୍ରାୟ ୨ଟାରେ ଜଜ୍ ଜଣକ କାର ନେଇ ମାଳିସାହି ଆସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କ ଗାଡ଼ି ଭିତରେ ପଶି ତାଙ୍କୁ ଆକ୍ରମଣ କରିବା ସହ ବେକରୁ ସୁନାଚେନ୍ ଲୁଟି ନେଇଥିଲେ।

### ୫୩ ଲକ୍ଷ ଠକେଇ, ପୂର୍ବତନ ମ୍ୟାନେଜର ଗିରଫ

**ଭୁବନେଶ୍ୱର,୨୧।୭(ବ୍ୟୁରୋ):** ବିଦ୍ୟୁତ୍ କମ୍ପାନୀରୁ ୫୩ ଲକ୍ଷ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କଟକ ସଦର ଥାନା ଅଧୀନ ଗବବସ୍ତ ସାଉଥ୍ ଉସ୍ମା ଅଞ୍ଚଳର ବିକ୍ରମ ମହାରଣା(୩୭)। ତେବେ ପୋଲିସ ତାଙ୍କୁ ଧରିବାକୁ ଯାଇଥିବାବେଳେ ସେ ତାଙ୍କ ଛାତ ଉପରୁ ଡେଇଁପଡି ଆହତ ହୋଇଥିଲେ। ଚିକିତ୍ସାଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଥିବା ଏକ ବିଦ୍ୟୁତ୍ କମ୍ପାନୀରେ ବିକ୍ରମ ୨୦୧୭ରୁ ଆକାଉଣ୍ଟ ମ୍ୟାନେଜର ଭାବେ କାମ କରୁଥିଲେ। ସେତେବେଳେ ସେ କମ୍ପାନୀରୁ ୫୩ ଲକ୍ଷ ଟଙ୍କା ଆତ୍ମସାତ କରିଥିଲେ। ଏନେଇ କମ୍ପାନୀ ମାଲିକ ୨୦୧୯ରେ ଜାଣିବା ପରେ ବିକ୍ରମଙ୍କୁ କହିଥିଲେ। ହେଲେ ବିକ୍ରମ ଚାକିରି ଛାଡି ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୯୬/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସେ ତାଙ୍କ ଘରେ ଥିବା ଜାଣି ପୋଲିସ ମଙ୍ଗଳବାର ରାତି ପ୍ରାୟ ୧୨ରେ ଚଢାଉ କରିଥିଲା।

# ଡାକ୍ତରଙ୍କ ଅଭିଯୋଗରେ ମାମଲା ରୁଜୁ

**ନିଶ୍ଚିନ୍ତକୋଇଲି, ୨୧।୭ (ସ୍ୱ.ପ୍ର)**

### ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

- ରୋଗୀଙ୍କ ସମ୍ପର୍କୀୟଙ୍କ ଅଭିଯୋଗରେ ଷ୍ଟେଶନ ଡାଏରୀ
- ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମାମଲା ହେବ: ଆଇଆଇସି

ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ରାତିରେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଏଥିରେ ରୋଗୀଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରି ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ତାଙ୍କୁ ଆକ୍ରମଣ ଉଦ୍ୟମ କରାଯାଇଥିବା ନେଇ ଡାକ୍ତର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟ ପକ୍ଷରୁ ଅଭିଯୋଗ ଗ୍ରହଣ କରିଥିଲେ ହେଁ ଡାକ୍ତରଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନଂ. ୮୯/୨୧ରେ ମାମଲା ରୁଜୁ କରିଛି। ମୃତା ବୃଦ୍ଧାଙ୍କ କନ୍ୟା ମମତା ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି କେବଳ ଷ୍ଟେଶନ ଡାଏରୀ କରାଯାଇଛି। ପୋଲିସ ବୁଧବାର ମୃତଦେହ ଜବତ କରି କଟକ ବଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲେ ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗକୁ ବିଚାରକୁ ନିଆଯିବ ବୋଲି ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ମୁଣ୍ଡିଲୋ ଗାଁର ବାଇଧର ରାଉତଙ୍କ ସ୍ତ୍ରୀ ହେମଲତା(୬୦) ଅସୁସ୍ଥ ଥିବାରୁ ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ମଙ୍ଗଳବାର ରାତ୍ରରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହେମଲତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସା ଦାୟିତ୍ୱରେ ଥିବା କର୍ମଚାରୀମାନେ ଅବହେଳା କରିବା ସହ ତ୍ରୁଟିପୂର୍ଣ୍ଣ ଭାବେ ଭୁଲ ଔଷଧ ଓ ଇଞ୍ଜେକ୍‌ଶନ ଦେଇଥିଲେ ବୋଲି ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଥିଲେ। ହେମଲତାଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଫେଇ ଦିଆଯାଇଥିଲା। ହେମଲତାଙ୍କ ମୃତ୍ୟୁ ନିମନ୍ତେ ଡାକ୍ତରଙ୍କୁ ଦାୟୀ କରାଯିବା ସହ ତାଙ୍କ ପରିବାର ଓ ସମ୍ପର୍କୀୟମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋହଲ୍ଲା କରିଥିଲେ। ଏପରିକି କର୍ତ୍ତବ୍ୟରତ ଡାକ୍ତରଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି।

## ଏନ୍‌ଏସିକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ହେବ

**ବାଙ୍କୀ,୨୧।୭ (ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସି ଅଞ୍ଚଳର ଜନସାଧାରଣଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୁଧବାର ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ମୁଖ୍ୟଯନ୍ତ୍ରୀ ମନୋରଞ୍ଜନ ନନ୍ଦ ଏନ୍‌ଏସିର ବିଭିନ୍ନ ୱାର୍ଡ ଓ ମା' ଚର୍ଚ୍ଚିକାଙ୍କ ପୀଠ ପରିଦର୍ଶନ କରି ପାନୀୟ ଜଳଯୋଗାଣ ପାଇଁ ଥିବା ଭିତ୍ତିଭୂମି ତଦାରଖ କରିଥିଲେ। ଚର୍ଚ୍ଚିକା ମନ୍ଦିର ଉପରେ ୧ ଲକ୍ଷ କ୍ଷମତାସମ୍ପନ୍ନ ପାଣିଟାଙ୍କି ନିର୍ମାଣ କରାଯିବା ପରେ ମଧ୍ୟ ପାଇପ୍ ସଂଯୋଗ କରାଯାଇ ନ ଥିବାରୁ ୧୧ ନଂ. ୱାର୍ଡକୁ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇ ନ ଥିଲା। ମୁଖ୍ୟଯନ୍ତ୍ରୀ ନନ୍ଦ ଚର୍ଚ୍ଚିକା ମନ୍ଦିର ଆସି ଏସବୁ ସ୍ଥିତିର ଅନୁଧ୍ୟାନ କରିବା ସହ ତୁରନ୍ତ ମନ୍ଦିର ଓ ୧୧ନଂ. ୱାର୍ଡରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଚର୍ଚ୍ଚିକାଙ୍କ ପୀଠରେ ଆୟୋଜିତ ସମୀକ୍ଷା ବୈଠକରେ ମୁଖ୍ୟଯନ୍ତ୍ରୀ ନନ୍ଦ ଯୋଗଦେଇ ମନ୍ଦିର ପରିଚାଳନା କମିଟି ଉପସଭାପତି ସନ୍ତୋଷ ରଣା, ସଭ୍ୟ ଅଶୋକ ରଣା, ସୁଧୀର ରଣା, ବିଜୟ ରଣା, ଶରତ ଚନ୍ଦ୍ର ରଣା, ପୂର୍ଣ୍ଣଚନ୍ଦ୍ର ରଣା ଓ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ କଟକର ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନବକିଶୋର ସାମଲ, ଚାରିବାଟିଆ ନିର୍ବାହୀ ଯନ୍ତ୍ରୀ ବିଳାସ ବେହେରା, ବାଙ୍କୀ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ମହାରଣା ଉପସ୍ଥିତ ଥିଲେ।

# ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ 'ଦେବଦୂତ'

**ଭୁବନେଶ୍ୱର, ୨୧।୭ (ବ୍ୟୁରୋ)**

ଈଶା ଭିଜନ ବ୍ୟାନରରେ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର 'ଦେବଦୂତ' ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଶଂସା ସାଉଁଟିଛି। ମହାରାଷ୍ଟ୍ରର ଔରଙ୍ଗାବାଦ ସହରରେ ଅନୁଷ୍ଠିତ ରୋଷନି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ୫ଟି ବିଶେଷ ବିଭାଗରେ ଏହି ଚଳଚ୍ଚିତ୍ର ୮ରୁ ଅଧିକ ପୁରସ୍କାର ହାତେଇଛି। ଏହି ଫିଲ୍ମ ଫେଷ୍ଟିଭାଲ ଅଷ୍ଟ୍ରେଲିଆର ୱାଏସ୍‌ଏ ସ୍କ୍ରିନ ମିଡିଆ ଏବଂ ଜିଭିକେଏମ୍ ପିକ୍ଚର୍ସର ମିଳିତ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଭାରତର ପ୍ରାୟ ୧୨ଶହ ଏବଂ ବିଦେଶରୁ ୮ଶହରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ତେବେ ସମସ୍ତ ବିଭାଗରୁ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ରରେ 'ଦେବଦୂତ' ତୃତୀୟ ସ୍ଥାନ ହାସଲ କରିଥିବାବେଳେ ସର୍ବଶ୍ରେଷ୍ଠ ପ୍ରଯୋଜନା ବିଭାଗରେ ଚତୁର୍ଥ ସ୍ଥାନ ହାସଲ କରିଛି । ସନ୍ନ୍ୟାସୀ ମହାରଣାଙ୍କ ନିର୍ଦ୍ଦେଶିତ ତଥା ପ୍ରଯୋଜିତ 'ଦେବଦୂତ'ର ଶ୍ରେଷ୍ଠ କାହାଣୀ ସଂଳାପ ପାଇଁ ଯୁବକବି ରତ୍ନାକର ଶୀୟ, ଶ୍ରେଷ୍ଠ ଚିତ୍ରୋତ୍ତଳନ ପାଇଁ ଟୁଟୁ ପ୍ରଧାନ




### ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ରରେ ତୃତୀୟ ସ୍ଥାନ ହାସଲ

ଏବଂ ସର୍ବଶ୍ରେଷ୍ଠ ପୋଷ୍ଟର ପାଇଁ ସ୍ମାର୍ଟ ଡିଜିଟାଲର ଟିକିରି ବେହେରା ସମ୍ମାନିତ ହୋଇଛନ୍ତି। ଭିନ୍ନ ଏକ କାହାଣୀ ଏବଂ ପରିକଳ୍ପନା ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ର ପୂର୍ବରୁ ଦୁଇଟି ଜାତୀୟ ସ୍ତରର ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇସାରିଛି। କିନ୍ନରମାନଙ୍କର ସଂଘର୍ଷ ଏବଂ ସମର୍ପଣର କାହାଣୀକୁ ନେଇ ଯୁବ ସିନେ ନିର୍ଦ୍ଦେଶକ ସନ୍ନ୍ୟାସୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ଚଳଚ୍ଚିତ୍ର ଚଳିତବର୍ଷ 'ଚିତ୍ର ଭାରତୀ ସମ୍ମାନ' ପାଇଁ ମନୋନୟନ ପ୍ରକ୍ରିୟାରେ ରହିଥିବା ଦେବଦୂତ ଟିମ୍ ପକ୍ଷରୁ ସୂଚନା ମିଳିଛି।

## ଭିଏସ୍‌ଏସ୍ ନଗର ଓଭରବ୍ରିଜରେ ଆଲୋକୀକରଣ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

ଭୁବନେଶ୍ୱର ଭିଏସ୍‌ଏସ୍ ନଗର ଫ୍ଲାଏ ଓଭର ବ୍ରିଜରେ ଆଲୋକୀକରଣ ସୁବିଧା ନ ଥିବାରୁ ଦୁର୍ଘଟଣା ଘଟୁଥିଲା। ତେଣୁ ଆଲୋକୀକରଣ ପାଇଁ ଦାବି ହୋଇଆସୁଥିଲା। ବୁଧବାର ବିଧାୟକ ସୁଶାନ୍ତ ରାଉତ ଏହି ଆଲୋକୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ରଶ୍ମିତା ମହାନ୍ତି, ସୁସ୍ମିତା ଦାସ, ବିଜେଡି ନେତା ଦାଶରଥି ନାୟକ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବବୁଲ



@ ରାଜା



@ ସିଟୁ



@ ଗୋବିନ୍ଦ



@ ବିଷ୍ଣୁପ୍ରିୟା



@ ଜଗନ୍ନାଥ



@ କେସି

# ରାଜଧାନୀରୁ ସାଇବର ଠକଙ୍କୁ ଗିରଫ କଲା ମୁମ୍ବାଇ ପୋଲିସ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

### ଯୁବତୀଙ୍କ ଫେକ୍ ଆକାଉଣ୍ଟ ଖୋଲି ଯୁବକଙ୍କୁ ଫସାଉଥିଲେ

ବିଭିନ୍ନ ଯୁବତୀଙ୍କ ନାମରେ ଫେସ୍‌ବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲି ଏହା ସାହାଯ୍ୟରେ ଯୁବକଙ୍କ ସହ ଅଶ୍ଳୀଳ ଚାଟ୍ କରୁଥିଲେ। ଏମିତି କି ଯୁବକଙ୍କୁ ଅଶ୍ଳୀଳ ଫଟୋ ପଠାଇବା ସହ ଭିଡ଼ିଓ କଲିଂ କରୁଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସମ୍ପୃକ୍ତ ଯୁବକଙ୍କୁ ଏନେଇ ବ୍ଲାକ୍‌ମେଲିଂ କରି ଟଙ୍କା ମାଗୁଥିଲେ। ଏଭଳି ଘଟଣାରେ ମୁମ୍ବାଇ ସାଇବର କ୍ରାଇମ ସେଲ୍ ପୋଲିସ ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳରୁ ମାଲକାନଗିରି ଜିଲାର ଦେବାଶିଷ କିର୍ତ୍ତନିଆ ନାମକ ଯୁବକଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟରେ ହାଜର କରାଯିବା ସହ ଟ୍ରାନ୍‌ଜିଟ୍ ରିମାଣ୍ଡରେ ମୁମ୍ବାଇ ନିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଦେବାଶିଷ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ଫେସ୍‌ବୁକ୍‌ରେ ଝିଅଙ୍କ ନାଁରେ ଫେକ୍ ଆକାଉଣ୍ଟ ଖୋଲି ଯୁବକଙ୍କ ସହ କଥା ହୋଇ ତାଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ପରେ ତାଙ୍କ ସହ ଅଶ୍ଳୀଳ କଥା ହୋଇ ତାଙ୍କୁ ଭିଡିଓ କଲ୍ କରିବାକୁ କହୁଥିଲେ। ତେବେ ଏହି ସମୟରେ ଘରେ ଲୋକ ଅଛନ୍ତି ଭଳି ଅନେକ ବାହାନା କରି ଦେବାଶିଷ ଅନ୍ଧାରରେ ଚୁପ୍ ହୋଇ ରହୁଥିଲେ। ଫୋନ୍ ସେପଟରେ ଥିବା ଯୁବକ ଜଣକଙ୍କ ଭିଡ଼ିଓ କଲ୍‌ରେ ଅଶ୍ଳୀଳ କଥା କହୁଥିବା ସମୟରେ ଦେବାଶିଷ ସମସ୍ତ ଦୃଶ୍ୟକୁ ରେକର୍ଡ କରିଦେଉଥିଲେ। ଏହାପରେ ବ୍ଲାକମେଲିଂ ଆରମ୍ଭ କରି ଲକ୍ଷାଧିକ ଟଙ୍କା ମାଗୁଥିଲେ। ଟଙ୍କା ନ ଦେଲେ ଭିଡ଼ିଓ ଭାଇରାଲ୍ କରିଦେବାକୁ ଧମକ ଦେଉଥିଲେ। ଏନେଇ ମୁମ୍ବାଇର ଜଣେ ଯୁବକ ସାଇବର ସେଲ୍‌ରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଫେକ୍ ଆକାଉଣ୍ଟ ଓଡ଼ିଶାର ଭୁବନେଶ୍ୱରରୁ ପରିଚାଳନା ହେଉଥିବା ପୋଲିସ ଜାଣି ଏସମ୍ପର୍କରେ ଭୁବନେଶ୍ୱର ପୋଲିସକୁ ଅବଗତ କରିଥିଲା। ପରେ ମୁମ୍ବାଇ ପୋଲିସର ୪ଜଣିଆ ଟିମ୍ ସମ୍ପୃକ୍ତ ସାଇବର ଠକଙ୍କୁ ଭରତପୁର ଅଞ୍ଚଳରୁ ଗିରଫ କରିଛି।

# କାଳିଆବୋଦା ଶ୍ମଶାନରେ ହେଲ୍ପଡେସ୍କ ଉଦ୍‌ଘାଟିତ

**କଟକ ଅଫିସ, ୨୧।୭**

### ପ୍ରଥମ ଦିନରେ ୭ କରୋନା ଆକ୍ରାନ୍ତଙ୍କ ମୃତଦେହ ସତ୍କାର

କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ କାଳିଆବୋଦା ମହାଶ୍ମଶାନଠାରେ ଓଡ଼ିଶା ମୋ ପରିବାର ପକ୍ଷରୁ ବୁଧବାର ମୃତ କରୋନା ଆକ୍ରାନ୍ତଙ୍କ ଶବ ସତ୍କାର ନିମନ୍ତେ ହେଲ୍ପଡେସ୍କ ଖୋଲାଯାଇଛି। ଏହାକୁ ଓଡ଼ିଶା ମୋ ପରିବାରର କଟକ ଜିଲା ଆବାହକ ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ମୋ ପରିବାରର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୃତ କରୋନା ରୋଗୀଙ୍କ ପରିବାରକୁ ପିପିଇ କିଟ୍ ଯୋଗାଇ ଦିଆଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ଓ ବିଶ୍ୱ ବିଜେତା ଫାଉଣ୍ଡେସନର କର୍ମୀମାନଙ୍କୁ ଏହି ଶ୍ମଶାନରେ କରୋନା ଆକ୍ରାନ୍ତଙ୍କ ମୃତଦେହ ସତ୍କାର ପାଇଁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ଓଡ଼ିଶା ମୋ' ପରିବାର ପକ୍ଷରୁ ମୃତଦେହ ସତ୍କାରରେ ବ୍ୟବହୃତ ପିପିଇ କିଟ୍ ଯୋଗାଇଦେବା ପାଇଁ ବିଶ୍ୱାଳ କହିଛନ୍ତି। ବୁଧବାର ପ୍ରଥମ ଦିନରେ ୭ ଜଣ କରୋନା ଆକ୍ରାନ୍ତଙ୍କ ମୃତଦେହ ସତ୍କାର କରାଯାଇଛି।

**ଆଜିଠୁ ତଦନ୍ତ କରିବେ ୩୧ ଟିମ୍**

ଗୋପ,(ଡି.ଏନ୍.ଏ.): ଫନୀ ବାତ୍ୟାର କ୍ଷତିଗ୍ରସ୍ତ ହୋଇଥିବା ଗୋପ ବ୍ଲକ ଅଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କୁ ଚଳିତବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମିଳିବ। ଏ ନେଇ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଉକ୍ତ ବ୍ଲକର ୩୧ ପଞ୍ଚାୟତ ଲାଗି ୩୧ଟି କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟମାନେ ଆସନ୍ତା ୨୨ ତାରିଖରୁ ଘର ଘର ବୁଲି ଆରମ୍ଭ କରିବେ ବୋଲି ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଫନୀ ପରେ ଯୋଗ୍ୟ ହିତାଧିକାରୀ ବଦଳରେ ଅନ୍ୟ ଲୋକଙ୍କୁ ସହାୟତା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ମନ୍ତ୍ରୀ ଦାଶ ବିଡିଓଙ୍କ ସହିତ ଆଲୋଚନା କରି ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଦାସ ବ୍ଲକ ଚିଠି ନଂ. ୨୪୫୧, ତା,୧୯।୭।୨୦୨୧ରେ ପ୍ରତି ପଞ୍ଚାୟତ ଲାଗି ୨ ଜଣିଆ କମିଟି ଗଠନ କରିଛନ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୨୧।୭(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ମଶାଣି ସାହିର ସ୍ଥାନୀୟ ପୋଖରୀରେ ବୁଡ଼ି ଜଣେ ନିର୍ମାଣ ଶ୍ରମିକଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ମଶାଣି ସାହିର ହଜାରୀ ସିଠ (୬୦)। ଘଟଣା ଅନୁଯାୟୀ, ହଜାରୀ ସନ୍ଧ୍ୟା ସମୟରେ ଟାଙ୍ଗି କଲେଜ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ତରଫରୁ ଖୋଳାଯାଇଥିବା ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ହେଲେ ସେଠାରେ ଅକସ୍ମାତ ଗୋଡ଼ ଖସି ଯିବାରୁ ପୋଖରୀରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି।

### ୧୫୦ ଗୋରୁ ଉଦ୍ଧାର, ପୋଲିସର ତନାଘନା

**ଜଟଣୀ,୨୧।୭(ଡି.ଏନ୍.ଏ.):** ଜଟଣୀ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ପବିତ୍ର ଇଦ୍-ଉଜ୍- ଜୁହା ବୁଧବାର ପାଳିତ ହୋଇଯାଇଛି। ମୁସଲମାନ ଭଉଣୀଭାଇମାନେ ନିଜ ଘରେ ନମାଜ ପାଠକରି ଆଲ୍ଲାଙ୍କୁ ସ୍ମରଣ କରିଥିଲେ। ଏହି ଦିନରେ ଗୋ-ବଳି(କୁରବାନୀ) ଦେବା ପ୍ରଥା ରହିଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କିଲଖାନାକୁ ପୂର୍ବରୁ ସିଲ୍ କରିଦିଆଯାଇଥିଲା। ଅନ୍ୟପଟେ ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଗ୍ରାମରେ ବେଆଇନ ଭାବେ ଶତାଧିକରୁ ଉର୍ଦ୍ଧ୍ୱ ଗୋରୁ ଏକାଠି ଠାବ ହୋଇଥିବା ଜଟଣୀ ପୋଲିସ ଖବର ପାଇଥିଲା। ପୋଲିସ ଫୋର୍ସ ସେଠାରେ ଚଢ଼ାଉକରି ଉକ୍ତ ଗ୍ରାମରୁ ୧୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରି ସ୍ଥାନୀୟ ପାତ୍ରପଡାସ୍ଥିତ ଗୋଶାଳାରେ ଛାଡ଼ିଥିବା ଜଟଣୀ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଖଣିରୁ ଜେସିବି, ପାୱାରଟିଲର ଜବତ

**ନିରାକାରପୁର,୨୧।୭(ଡି.ଏନ୍.ଏ.):** ଜଙ୍କିଆ ଥାନା ଅନ୍ତର୍ଗତ ଗୋଡ଼ିପଡ଼ାସ୍ଥିତ ଲହଙ୍ଗା ମୌଜାର ଗୋଚର ଜମିରୁ ମାଫିଆମାନେ ଦୀର୍ଘଦିନ ଧରି ଚୋରା ମାଙ୍କଡ଼ାପଥର ଜବରଦସ୍ତି ଖୋଳି ବିକ୍ରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବୁଧବାର ଜଙ୍କିଆ ପୋଲିସ ଉକ୍ତ ପଥରଖଣିରେ ଅଚାନକ ଚଢ଼ାଉ କରିଥିଲା। ସେଠାରେ ବେଆଇନ ଭାବେ ଖୋଳାଯାଉଥିବା ଏକ ନମ୍ବର ବିହୀନ ଜେସିବି ସହ ଏକ ପାୱାର ଟିଲରକୁ ପୋଲିସ ଜବତ କରିଛି। ଏ ନେଇ ନଂ.୧୫୬/୨୧ରେ ଏକ ମାମଲା ରୁଜୁ କରିଛି। ତେବେ ପୋଲିସର ଗତିବିଧିକୁ ଲକ୍ଷ୍ୟ କରିବା ପାଇଁ ମାଫିଆମାନେ ଜଗାଇଥିବା କେତେଜଣ ଲୋକଙ୍କଠାରୁ ପୋଲିସ ଆସିବାର ଖବରପାଇ ଖସିଯିବାରେ ସକ୍ଷମ ହୋଇଛନ୍ତି। ଏମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସ୍ଥାନୀୟ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି।

### କଟକଣାରେ ପାଳନ ହେଲା ଇଦ୍‌ପର୍ବ

**ନିରାକାରପୁର,୨୧।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର, ଛଣଗିରି ପଞ୍ଚାୟତ ସମେତ ଏହାର ଆଖପାଖ ଗ୍ରାମରେ ଥିବା ମୁସଲମାନ ମସ୍‌ଜିଦରେ କଟକଣା ଅନୁସାରେ ସୀମିତ ବ୍ୟକ୍ତିଙ୍କୁ ନେଇ ଇଦ୍ ପର୍ବ ପାଳିତ ହୋଇଛି। ବିଶ୍ୱରେ ଏଭଳି ସଙ୍କଟ ସମୟରେ ପ୍ରଥମେ ମାନବ ସମାଜକୁ ବଞ୍ଚାଇବାକୁ ମୁସଲମାନ ସମ୍ପ୍ରଦାୟର ଲୋକେ ଘରେ ରହି ପ୍ରାର୍ଥନା କରିଥିବା ଖଜୁରିପଡା ଶାନ୍ତି କମିଟି ସଭାପତି ହାଜି କମାଲୁଦ୍ଦିନ୍ ଶାହା, ମୌଲାନା ଅମାନୁଲ ହକ୍, ଅନସାରୀ ଶାହା, ହାସନ ଶାହା ପ୍ରମୁଖ ସୂଚନା ଦେଇଛନ୍ତି।

### ୪୬ ୟୁନିଟ୍ ରକ୍ତ ସଂଗ୍ରହ

**ବୋଲଗଡ଼,୨୧।୭(ଡି.ଏନ୍.ଏ.):** 'ଓଡ଼ିଶା ମୋ ପରିବାର' ଜୀବନବିନ୍ଦୁ ଆନୁକୂଲ୍ୟରେ ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ବିଜେଡି ପକ୍ଷରୁ ହରିପୁରସ୍ଥିତ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବରକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ବିଜେଡି ଦଳର ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ସଂଯୋଜନାରେ ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କର ମେଡିକାଲ ଅଫିସର ସୌରଭ ରାୟ, ଟେକ୍ନିସିଆନ ଝୁନୁଲତା ସାହୁ ଓ ଅନିତା ନାୟକ ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ। ଶିବିରରେ ପ୍ରାୟ ୪୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରବୀନ୍ଦ୍ର ସୁବୁଦ୍ଧି, ଗୋପାଳଚରଣ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ, ବୀରକିଶୋର ଦାସ, ଦିଲୀପ ଦତ୍ତ, ସୁବାସ ସ୍ୱାଇଁ ,ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୧ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

**ଖୋର୍ଦ୍ଧା ଅଫିସ, ୨୧।୭**

ଡେଙ୍ଗୁ ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ବୁଧବାର ଭୁବନେଶ୍ୱର ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଆଗୁଆ ପଦକ୍ଷେପ, ସ୍ୱଚ୍ଛତା, ସଚେତନତା ଓ ପୌରାଞ୍ଚଳରେ ଡ୍ରେନ ସଫେଇ ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି।

ଖାଲୁଆ ଅଞ୍ଚଳରେ ପାଣି ଜମୁଥିବା ସ୍ଥାନରେ ମଶା ଅଣ୍ଡା ଦେବା ଓ ଖୋଲା ଜାଗାରେ ଦୀର୍ଘଦିନ ଧରି ଆବର୍ଜନା ପଡ଼ିରହିଲେ ମଶାବଂଶ ବୃଦ୍ଧି ଘଟିଥାଏ। ଏଣୁ ପରିବେଶ ସ୍ୱଚ୍ଛତା ନିତାନ୍ତ ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ନିଜ ଘର ପରିବେଶ, ଅନୁଷ୍ଠାନ, କାର୍ଯ୍ୟାଳୟର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ସହ କୌଣସି ସ୍ଥାନରେ ଅଳିଆ ନ ପକାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜୁଲାଇ, ଅଗଷ୍ଟ ମାସରେ ଡେଙ୍ଗୁ




ବୈଠକରେ ଉପସ୍ଥିତ ଜିଲାପାଳ ସନତ ମହାନ୍ତି ଓ ଅନ୍ୟ ଅଧିକାରୀମାନେ।

- ନିୟନ୍ତ୍ରଣ ଓ ନିରାକରଣ ନେଇ ବୈଠକ
- ସ୍ୱଚ୍ଛତା, ସଚେତନତା ଉପରେ ଗୁରୁତ୍ୱ

ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ। ଜଣେ ଡେଙ୍ଗୁ ରୋଗୀଙ୍କଠାରୁ ସୁସ୍ଥ ଲୋକଙ୍କୁ ସଂକ୍ରମିତ ହୋଇଥାଏ। ପ୍ରାଥମିକ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ପ୍ରାଥମିକ ଅବସ୍ଥାରେ ଜ୍ୱର, ଆଣ୍ଠୁଗଣ୍ଠି ବ୍ୟଥା, ଶରୀର ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଡେଙ୍ଗୁ ଚିକିତ୍ସା ଲାଗି ଆର୍‌ଏମ୍‌ଆର୍‌ସି, ଭୁବନେଶ୍ୱର ଏମ୍‌ସ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବସ୍ଥା ରହିଛି। ଖୋର୍ଦ୍ଧା ଜିଲାରେ ୨୦୨୦ରେ ୬୩ ଆକ୍ରାନ୍ତ ହୋଇଥିବାବେଳେ ୨୦୨୧ ଜୁଲାଇ ୧୯ ସୁଦ୍ଧା ୨୦୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ଭୁବନେଶ୍ୱର ମହାନଗର ନିଗମରୁ ୧୯୨ ଏବଂ ଜିଲାର ଅନ୍ୟ ଅଞ୍ଚଳରୁ ୯ଜଣ ରହିଛନ୍ତି।

ଭୁବନେଶ୍ୱର ମହାନିଗର ନିଗମ ଅଞ୍ଚଳରେ ଡେଙ୍ଗୁ ନିୟନ୍ତ୍ରଣ ଲାଗି ପଦକ୍ଷେପ ନିଆଯାଉଛି ବୋଲି ବିଏମ୍‌ସି ଆଡ଼ିଶନାଲ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି। ବିଭିନ୍ନ ୱାର୍ଡରେ ମଶାଧୂଆଁ ଦିଆଯାଉଛି। ସଚେତନତା ରଥ ବୁଲୁଛି। ଏହାବ୍ୟତୀତ ଏଲ୍‌ଇଡି ଡିସ୍‌ପ୍ଲେ ବୋର୍ଡ, ରେଡିଓ ଏବଂ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି।

ସହରାଞ୍ଚଳ, ଗ୍ରାମାଞ୍ଚଳରେ ଲିଫ୍‌ଲେଟ, ପୋଷ୍ଟର, ହୋର୍ଡିଂ, ଶୋଭାଯାତ୍ରା, ଗୋଷ୍ଠୀଗତ ଆଲୋଚନା, ଗାଁ କଲ୍ୟାଣ ସମିତି ଓ ବାଦ୍ୟଯନ୍ତ୍ରରେ ପ୍ରଚାର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ ଦାସପଟ୍ଟନାୟକ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଡାକ୍ତର ଏସ୍. ମହାନ୍ତି, ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୀବନ୍ତ ଆଚାର୍ଯ୍ୟଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଖୋର୍ଦ୍ଧାର ଜାଗୁଳିପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ସୁନାବେଶ ଦର୍ଶନ।

## ସୁନାବେଶରେ ଦର୍ଶନ ଦେଲେ ପୂର୍ଣ୍ଣବିଗ୍ରହ

**ଖୋର୍ଦ୍ଧା ଅଫିସ,୨୧।୭**

ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ସୁନାବେଶରେ ଝଲସୁଛନ୍ତି ଚତୁର୍ଦ୍ଧାବିଗ୍ରହ। କଟକଣା ଯୋଗୁ ଚଳିତବର୍ଷ ରଥଯାତ୍ରା ହୋଇ ନ ଥିବାବେଳେ ମହାପ୍ରଭୁଙ୍କ ଆଜ୍ଞାମାଳ ଅସ୍ଥାୟୀ ଗୁଣ୍ଡିଚା ମଣ୍ଡପରେ ବିଜେ କରିଥିଲେ। ମଙ୍ଗଳବାର ମନ୍ଦିର ପୂଜକ ଓ କମିଟି ସଦସ୍ୟମାନେ ଠାକୁରଙ୍କ ଆଜ୍ଞାମାଳ ଧରି ମନ୍ଦିରକୁ ଫେରିଥିଲେ। ବୁଧବାର ପ୍ରାତଃରୁ ମଙ୍ଗଳ ଆଳତି ହୋଇ ନୀତି ବଢିଥିଲା। ମଧ୍ୟାହ୍ନ ଧୂପ ପରେ ଶ୍ରୀବିଗ୍ରହଙ୍କ ମଇଲମ ଶାଢୀ ଖଂଣ୍ଡୁଆ ଲାଗି ପରେ ପରମ୍ପରା ଅନୁଯାୟୀ ଠାକୁରଙ୍କ ସୁନାବେଶ ହୋଇଥିଲା। ମସ୍ତକରେ ଟାହିଆ, ସୁନାର ମୁକୁଟ ଶୋଭାପାଉଛି। ଶ୍ରୀବଳଭଦ୍ର ହଳ ମୂଷଳ ଏବଂ ଶ୍ରୀଜଗନ୍ନାଥ ଶଙ୍ଖ ଚକ୍ର ଧାରଣ କରିଛନ୍ତି। ଗଳାରେ ମାଳା, ବିଭିନ୍ନ ପୁଷ୍ପ ତୁଳସୀରେ ସୁସଜ୍ଜିତ ହୋଇଛନ୍ତି। ସୁନାବେଶରେ ମହାପ୍ରଭୁଙ୍କ ରାତ୍ରି ଭୋଗ ଲାଗି ପରେ ପହୁଡ ନୀତି ସମ୍ପର୍ଣ୍ଣ ହୋଇଥିବା ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ କହିଛନ୍ତି। ସେହିପରି ଦଧିମାଛଗାଡିଆ ଦାରୁକ୍ଷେତ୍ର ଶ୍ରୀପତିତପାବନ ରଥରେ ସୁନା ଅଳଙ୍କାରରେ ସଜ୍ଜିତ ହୋଇଛନ୍ତି। ଦାରୁକ୍ଷେତ୍ର ଶ୍ରୀପତିତପାବନଙ୍କ ଏହି ଅଲୌକିକ ଦର୍ଶନରୁ ସ୍ଥାନୀୟ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ମନ୍ଦିର କମିଟି, ମନ୍ଦିର ସେବାୟତଙ୍କମାନଙ୍କୁ ନେଇ କଟକଣା ମଧ୍ୟରେ ସମସ୍ତ ନୀତିକାନ୍ତି ସମ୍ପର୍ଣ୍ଣ କରାଯାଇଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

## ଶିକ୍ଷାର ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ

**ନିମାପଡ଼ା,୨୧।୭(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ନିଗମାନନ୍ଦ ମହିଳା କଲେଜର ୪୦ତମ ପ୍ରତିଷ୍ଠା ଦିବସ ବୁଧବାର କଲେଜରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଶିକ୍ଷାର ବିକାଶ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ କଲେଜର ପୂର୍ବତନ ଅଧ୍ୟକ୍ଷ ଶିକ୍ଷାବିତ୍ ଗୋପୀନାଥ କର, ଶାନ୍ତିଲତା ସେନାପତି, ସାମାଜିକ କର୍ମୀ ସନାତନ ପାତ୍ର ପ୍ରମୁଖ ଯୋଗଦେଇ କଲେଜର ଉନ୍ନତି କାମନା କରିବା ସହ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ କ୍ଷେତ୍ରରେ ଏହି ମହିଳା କଲେଜ ଏକ ମାଇଲଖୁଣ୍ଟ ସଦୃଶ ବୋଲି ମତପ୍ରକାଶ କରିଥିଲେ। କଲେଜ ଅଧ୍ୟକ୍ଷା କଲ୍ୟାଣୀ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ପୂର୍ଣ୍ଣିମା ମହାନ୍ତି ଅତିଥି ପରିଚୟ ଦେଇଥିବାବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୩ ଲକ୍ଷ ଟଙ୍କା ବ୍ୟୟରେ ସୁଧାଂଶୁବାଳା ଛାତ୍ରୀନିବାସର ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ୧୫ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୧।୭**

ଖୋର୍ଦ୍ଧା ଅବକାରୀ ପୋଲିସ ସାମନ୍ତରାପୁରରେ ବୁଧବାର ଚଢ଼ାଉ କରି ୧୫ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଶିବ ସୁନ୍ଦର ବେହରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅବକାରୀ କର୍ମଚାରୀ ଗ୍ରାହକ ବେଶରେ ଯାଇ ତାଙ୍କୁ ଗିରଫ କରିଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ କଟକ ଗୋଇନ୍ଦା ଅବକାରୀ ପୋଲିସ ଗୁରୁଜଙ୍ଗରୁ ୧୩ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଥିଲା। ଖୋର୍ଦ୍ଧାରେ ବାରମ୍ବାର ଚଢ଼ାଉ ସତ୍ତ୍ୱେ ବ୍ରାଉନସୁଗାର କାରବାର ନିୟନ୍ତ୍ରଣ ହୋଇପାରୁ ନାହିଁ। ଖୋର୍ଦ୍ଧାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି କାରବାରର ଚେର ଲମ୍ବିବାରେ ଲାଗିଛି। ଗୁରୁଜଙ୍ଗ, ସାମନ୍ତରାପୁର, ଜେମାଦେଈ ପ୍ରଭୃତି ଅଞ୍ଚଳ ଧଳାଜହର ହବ୍ ପାଲଟିଛି। ବାଲେଶ୍ୱର, ଜଳେଶ୍ୱରରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ବ୍ରାଉସୁଗାର ଆସୁଛି। ଏଠାରୁ ବିଭିନ୍ନ ସ୍ଥାନକୁ ପଠାଯାଉଛି। ଖୋର୍ଦ୍ଧାରେ ଚଢାଉକୁ ଏସ୍‌ଟିଏଫ୍ ଗୁରୁତ୍ୱ ଦେଉ ନ ଥିବା ଚର୍ଚ୍ଚା ହେଉଛି।

## ଅମ୍ଳଜାନ ପାଇଁ ଚାରାରୋପଣ ଆବଶ୍ୟକ

**କୃଷ୍ଣପ୍ରସାଦ, ୨୧।୭(ଡି.ଏନ.ଏ)**

କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଚାରାରୋପଣ କରିଛନ୍ତି। ଏହି ଅବସରରେ ବିଧାୟକ କହିଥିଲେ, ୨ବର୍ଷ ଧରି କରୋନା ମହାମାରୀ ପରେ ଲୋକେ ଅମ୍ଳଜାନର ଆବଶ୍ୟକତା ବୁଝିପାରିଛନ୍ତି। ପ୍ରଚୁର ଅମ୍ଳଜାନ ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ଚାରାରୋପଣ ଦ୍ୱାରା ଅମ୍ଳଜାନ ସଙ୍କଟ ଦୂର ହୋଇପାରିବ। ଏହି ଅବସରରେ ଡା. ସୁଜ୍ଞାନୀ ମହାରଣା, ବ୍ଲକ ଭାଜପା କାର୍ଯ୍ୟକାରୀ ସଭାପତି ହରିହର ଦାସ,ମଣ୍ଡଳ ସଭାପତି ଦୀନବନ୍ଧୁ ଜେନା, ବ୍ଲକ ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା, ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବବୁଲ



@ ରାଜା



@ ସିଟୁ



@ ଗୋବିନ୍ଦ



@ ବିଷ୍ଣୁପ୍ରିୟା



@ ଜଗନ୍ନାଥ



@ କେସି

# ମଙ୍ଗଳପୁର ମେଡିକାଲରେ ରହୁନାହାନ୍ତି ଡାକ୍ତର

**ପିପିଲି,୨୧।୭(ସ୍ୱ.ପ୍ର.)**

ପିପିଲି ଓ ମଙ୍ଗଳପୁର ମେଡିକାଲରେ ରହୁନାହାନ୍ତି ଡାକ୍ତର। ଫଳରେ ବୁଧବାର ଏକ ସାପକାମୁଡ଼ା ରୋଗୀ ବିପଦରେ ପଡ଼ିଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଅପେକ୍ଷା କରି ଚିକିତ୍ସା ନ ପାଇ ରୋଗୀ ଭୁବନେଶ୍ୱରରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳପୁର ପଞ୍ଚାୟତ ମନହୋରା ଗ୍ରାମର ରଶ୍ମିରଞ୍ଜନ ମହାନ୍ତି (୨୪) ବୁଧବାର ସକାଳୁ ବିଲକୁ ଯାଇ ଫେରୁଥିବା ସମୟରେ ହଠାତ୍ କିଛି କାମୁଡ଼ିଥିଲା। ସେ ଘରେ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ମଙ୍ଗଳପୁର ମେଡିକାଲକୁ ନେଇଥିଲେ। କିନ୍ତୁ ମେଡିକାଲରେ ଡାକ୍ତର କି ଷ୍ଟାଫ୍ ନର୍ସ ନ ଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ କୌଣସି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦେଖା ମିଳି ନ ଥିଲା।



ଉତ୍ତେଜନା ସମୟରେ ପୋଲିସ ପହଞ୍ଚି ଖବରଦାତା ଓ ଡାକ୍ତରଙ୍କୁ ବୁଝାଉଛନ୍ତି।

ବାଧ୍ୟ ହୋଇ ପିପିଲି ମେଡିକାଲକୁ ନେବା ପରେ ଡାକ୍ତର ରଶ୍ମିରଞ୍ଜନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ଏକ ସାପ କାମୁଡିଛି ବୋଲି ପରିବାର ଲୋକଙ୍କୁ ଜଣାଇଥିଲେ। ଚିକିତ୍ସା ପାଇଁ ଆସିବାରେ ବିଳମ୍ବ ହେତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଥିବା ଉକ୍ତ ପରିବାର ଲୋକେ କହିଛନ୍ତି। ଚିକିତ୍ସା ବିଳମ୍ବ ପାଇଁ ରଶ୍ମିରଞ୍ଜନଙ୍କ ସମ୍ପର୍କୀୟ ମଙ୍ଗଳପୁର ମେଡିକାଲ ଡାକ୍ତରଙ୍କୁ ଦାୟୀ କରି ଅଭିଯୋଗ କରିଛନ୍ତି। ମଙ୍ଗଳପୁର ମେଡିକାଲରେ ୪ଜଣ ଡାକ୍ତର ନିୟୋଜିତ ଥିଲେ ମଧ୍ୟ ଏଭଳି ବ୍ୟବସ୍ଥା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ କେତେଜଣ ଖବରଦାତା ମଙ୍ଗଳପୁର ମେଡିକାଲ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଡା. ପ୍ରଜ୍ଞାନ ସିଦ୍ଧାର୍ଥଙ୍କୁ ରୋଗୀ ଫେରିବା ଘଟଣା ସମ୍ପର୍କରେ ପଚାରିବାରୁ ସେ ଖବରଦାତାଙ୍କ ସହ ଅଜବ ଯୁକ୍ତି କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଖବରପାଇ ଘଟଣାସ୍ଥଳରେ ପିପିଲି ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା।

- ଚିକିତ୍ସା ପାଇଁ ଆସି ଫେରିଲେ ରୋଗୀ
- ଖବରଦାତାଙ୍କ ସହ ଡାକ୍ତରଙ୍କ ଯୁକ୍ତିକୁ ନେଇ ଉତ୍ତେଜନା

## ବାଇପାସ୍ ରାସ୍ତାରେ ସିରିଜ୍ ଦୁର୍ଘଟଣା, ୨ ମୃତ

**ବାଲୁଗାଁ,୨୧।୭(ଡି.ଏନ୍.ଏ.)**

୧୬ନଂ ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତା ସୋଲରୀ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ସିରିଜ୍ ଦୁର୍ଘଟଣା ଘଟିଛି। ୩ଟି ମାଲ ବୋଝେଇ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହେବାରେ ୨ ଚାଳକଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ମଧ୍ୟପ୍ରଦେଶ ଅଞ୍ଚଳର ପବନ ଚୌଧୁରୀ (୨୫), ଲଳିତ ଚୌଧୁରୀ (୨୬) ଓ ଗୁରୁତର ହେଲେ ଜଟଣୀ ଅଞ୍ଚଳର ବଳରାମ ବେହେରା (୩୫)। ସୂଚନାଯୋଗ୍ୟ, ମଙ୍ଗଳବାର ରାତି ୧ଟାରେ କୋଲକାତାରୁ ହାଇଦ୍ରାବାଦ ଯାଉଥିବା ଡିଏନ ୦୯ୟୁ ୯୦୭୮ ନଂ ବିଶିଷ୍ଟ ଏକ କପଡ଼ା ବୋଝେଇ କଣ୍ଟେନର ସୋଲରୀ ଛକ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତାକଡ଼ରେ ଅଟକିଥିଲା। ଉକ୍ତ କମ୍ପାନୀର ଅନ୍ୟ ଏକ କଣ୍ଟେନର (ନଂ.ଡିଏନ୦୯ ଏସ୍ ୯୧୩୭) ତାକୁ ସାହାଯ୍ୟ ପାଇଁ ଗାଡ଼ି ପଛରେ ରହିଥିଲା। ବିଳମ୍ବିତ ରାତ୍ରିରେ ୨ ଗାଡ଼ିରି ଚାଳକ ଗାଡ଼ି ମଝିରେ ବସି ରୋଷେଇ କରୁଥିଲେ। ଏହି ସମୟରେ ଓଡି୦୨ ଡବ୍ଲୁ ୯୮୧୯ ନଂ ବିଶିଷ୍ଟ ଏକ ଚିଙ୍ଗୁଡ଼ି ବୋଝେଇ କଣ୍ଟେନର ପାରାଦୀପରୁ କାକିନାଡ଼ା ଅଭିମୁଖେ ଯାଉଥିବା ବେଳେ ପୂର୍ବରୁ ଅଟକି ରହିଥିବା କଣ୍ଟେନର ପଛପାର୍ଶ୍ୱକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କଣ୍ଟେନର ଆଗକୁ ମାଡ଼ିଯାଇ ରୋଷେଇ କରୁଥିବା ୨ଚାଳକଙ୍କ ଉପରେ ଚଢ଼ିଯାଇଥିଲା। ଉଭୟେ ଗୁରୁତର ଆହତ ହୋଇଥିଲେ। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକ ଇଞ୍ଜିନ ମଧ୍ୟରେ ଚାପିହୋଇ ଗୁରୁତର ହୋଇଥିଲେ। ଖବରପାଇ ବାଲୁଗାଁ ଅଗ୍ନିଶମ ଅଧିକାରୀ ନିତ୍ୟାନନ୍ଦ ଜେନା ଓ କର୍ମଚାରୀ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପବନ ଓ ଲଳିତଙ୍କର ମୃତ୍ୟୁ ଘଟିଥିଲା। ବାଲୁଗାଁ ପୋଲିସ୍ ଏ ନେଇ ତଦନ୍ତ ଚଳାଇଛି।

